## ନିଜ ଯୋଜନା ସମ୍ବନ୍ଧେ ଜାଣନ୍ତୁ
## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

**୧) ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କ'ଣ ?**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓଡିଶା ରାଜ୍ୟ ସରକାରଙ୍କ ଏକ ଯୋଜନା । ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ସହ ସମାଜର ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାର ମାନଙ୍କୁ ସ୍ୱାସ୍ଥ୍ୟ ସେବା ଜନୀତ ଖର୍ଚ୍ଚରୁ ମୁକ୍ତ ଦେବା ଏହାର ଉଦ୍ଦେଶ୍ୟ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଲକ୍ଷ ହାସଲ ସକାଶେ ଦୁଇଟି ଅଂଶ ଅଛି, ଯଥା :-

**କ)** ସାର୍ବଜନୀନ ଦେୟ ମୁକ୍ତ ସେବା (ଜାତି, ଆୟ, ବାସସ୍ଥାନ ନିର୍ବିଶେଷରେ) ଓଡିଶାର ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତଙ୍କ ସକାଶେ ଉପଲବ୍ଧ ।

**ଖ)** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଉର୍ଦ୍ଧ ଚିକିତ୍ସାଳୟରେ ଓଡିଶାର ୭୦ ଲକ୍ଷରୁ ଉର୍ଦ୍ଧ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାର ପିଛା ବାର୍ଷିକ ୫ ଲକ୍ଷ ଓ ପରିବାରର ମହିଳା ସଦସ୍ୟ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ସେବା ପାଇପାରିବେ ।

**୨) ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗି କିଏ ଯୋଗ୍ୟ ?**

**କ)** ଓଡିଶାର ସମସ୍ତ ଜନସାଧାରଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇବା ସକାଶେ ଯୋଗ୍ୟ ।

**ଖ)** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଉର୍ଦ୍ଧରେ ଥିବା ଚିକିତ୍ସାଳୟ ମାନଙ୍କରେ ବାର୍ଷିକ ପରିବାର ପିଛା ୫ ଲକ୍ଷ ଓ ମହିଳା ସଦସ୍ୟଙ୍କ ଲାଗି ୭ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ସକାଶେ ସମସ୍ତ ବିଜୁ କୃଷକ କଲ୍ୟାଣ ଯୋଜନା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବି.ପି.ଏଲ୍., ଅନ୍ତୋଦୟ ଅନ୍ନ ଯୋଜନା କାର୍ଡଧାରୀ ପରିବାର ତଥା ବାର୍ଷିକ ଗ୍ରାମାଂଚଳରେ ଟଙ୍କା ୫୦ ହଜାରରୁ କମ୍ ଓ ସହାରଂଚଳରେ ଟଙ୍କା ୬୦ ହାଜାରରୁ କମ୍ ଆୟକାରୀ ପରିବାର ଯୋଗ୍ୟ ।

**୩) ଏହି ଯୋଜନାରେ ମିଳୁଥିବା ସୁବିଧା କ'ଣ ?**

**କ)** ସମସ୍ତ ସ୍ୱାସ୍ଥ୍ୟ ସେବା ଦେୟ ମୁକ୍ତ ଯଥା ମାଗଣା ଔଷଧ, ମାଗଣା ରୋଗ ନିରୂପଣ, ଅସ୍ତ୍ରୋପଚାର କକ୍ଷ, ଆଇ.ସି.ୟୁ., ମାଗଣା ଆନ୍ତଃ ରୋଗୀ ସେବା ଇତ୍ୟାଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଚିକିତ୍ସାଳୟରେ ସମସ୍ତଙ୍କ ସକାଶେ ଉପଲବ୍ଧ ।

**ଖ)** ବିଜୁ କୃଷକ କଲ୍ୟାଣ ଯୋଜନା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବି.ପି.ଏଲ୍. ପରିବାର ଓ ଅନ୍ତୋଦୟ ଅନ୍ନ ଯୋଜନା କାର୍ଡଧାରୀ ପରିବାର ତଥା ବାର୍ଷିକ ଗ୍ରାମାଂଚଳରେ ଟଙ୍କା ୫୦ ହଜାରରୁ କମ୍ ଓ ସହାରଂଚଳରେ ଟଙ୍କା ୬୦ ହଜାରରୁ କମ୍ ଆୟକାରୀ ପରିବାର ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟ ସମେତ ପଞ୍ଜିକୃତ ୨୦୮ ବେସରକାରୀ ଚିକିତ୍ସାଳୟରେ ଦେୟମୁକ୍ତ ସେବା ପାଇପାରିବେ ।

**୪)　ହିତାଧିକାରୀ ମାନେ ମାଗଣା ଚିକିତ୍ସା ସେବା କେଉଁଠାରେ ପାଇପାରିବେ ?**

**କ)**　ସାର୍ବଜନୀନ ମାଗଣା ସ୍ୱାସ୍ଥ୍ୟ ସେବା ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଚିକିତ୍ସାଳୟରେ ଉପଲବ୍ଧ ।

**ଖ)**　ବିଜୁ କୃଷକ କଲ୍ୟାଣ ଯୋଜନା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବି.ପି.ଏଲ୍. ପରିବାର, ଅନ୍ତୋଦୟ ଅନ୍ନ ଯୋଜନା କାର୍ଡଧାରୀ ପରିବାର ତଥା ସ୍ୱଳ୍ପ ଆୟ ପ୍ରମାଣଧାରୀ ପରିବାର ଅତିରିକ୍ତ ଚିକିତ୍ସା ସେବା ଜିଲ୍ଲା ଚିକିତ୍ସାଳୟ ଠାରୁ ଉର୍ଦ୍ଧ୍ୱରେ ଥିବା ସମସ୍ତ ସରକାରୀ ଚିକିତ୍ସାଳୟ ଓ ପଞ୍ଜିକୃତ ୨୦୮ ବେସରକାରୀ ଚିକିତ୍ସାଳୟରେ ଚିକିତ୍ସା ସହାୟତା ପାଇପାରିବେ ।

**୫)　ଏହି ଯୋଜନାରେ ପଞ୍ଜୀକରଣ ବ୍ୟବସ୍ଥା ଅଛି କି ?**

ବିଜୁ କୃଷକ କଲ୍ୟାଣ ଯୋଜନା (୧ ଏବଂ ୨ ଧାରା) ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବି.ପି.ଏଲ୍. ଅନ୍ତ୍ୟୋଦୟ ଅନ୍ନ ଯୋଜନା କାର୍ଡଧାରୀ ପରିବାର ଏହି ଯୋଜନାରେ ସ୍ୱତଃ ଭାବେ ଅର୍ନ୍ତଭୂକ୍ତ । ସ୍ୱଳ୍ପ ଆୟକାରୀ ପରିବାର ଆୟ ପ୍ରମାଣ ପତ୍ର ଦାଖଲ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଚିକିତ୍ସା ସହାୟତା ପାଇପାରିବେ ।

**୬)　ବାର୍ଷିକ ପରିବାର ପିଛା ୫ ଲକ୍ଷ ଓ ପରିବାରର ମହିଳାଙ୍କ ସକାଶେ ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସହାୟତା ଲାଗି କୌଣସି ପ୍ରମାଣ ପତ୍ର ଆବଶ୍ୟକ ପଡେ କି ?**

ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସହାୟତା ପାଇବା ସକାଶେ ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ, ବି.ପି.ଏଲ୍ କାର୍ଡ, ଅନ୍ତୋଦୟ ଅନ୍ନ ଯୋଜନା କାର୍ଡ ସ୍ୱୀକୃତି ପ୍ରାପ୍ତ ଚିକିତ୍ସାଳୟରେ ଦାଖଲ କରିବା ଆବଶ୍ୟକ । ସ୍ୱଳ୍ପ ଆୟ ବର୍ଗର ହିତାଧିକାରୀ ପ୍ରାଧିକୃତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅବଧି ଥିବା ଆୟ ପ୍ରମାଣ ପତ୍ର (ଗ୍ରାମାଂଚଳରେ ବାର୍ଷିକ ଟଙ୍କା ୫୦ ହଜାରରୁ କମ୍ ଓ ସହାରଚଂଳ ରେ ଟଙ୍କା ୬୦ ହାଜାରରୁ କମ୍) ସ୍ୱୀକୃତି ପ୍ରାପ୍ତ ଚିକିତ୍ସାଳୟରେ ଦାଖଲ କରିବା ଆବଶ୍ୟକ ।

**୭)　ପଞ୍ଜିକୃତ ଚିକିତ୍ସାଳୟରେ କିଏ ସହଯୋଗ କରିବେ ?**

ପ୍ରତ୍ୟେକ ପଞ୍ଜିକୃତ ଚିକିତ୍ସାଳୟର ସହାୟତା କେନ୍ଦ୍ରରେ ନିୟୋଜିତ ଥିବା ସ୍ୱାସ୍ଥ୍ୟ ମିତ୍ର ପରିବାରକୁ ଚିକିତ୍ସା ପାଇବା ଲାଗି ସଂପୂର୍ଣ ସହଯୋଗ ପ୍ରଦାନ କରିବେ ।

**୮)　ଏହି ଯୋଜନାର ଦେୟମୁକ୍ତ ଯୋଗାଯୋଗ ବ୍ୟବସ୍ଥା ଅଛି କି ?**

ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ତଥା ଅଭିଯୋଗ ଲାଗି ଦେୟମୁକ୍ତ ଯୋଗାଯୋଗ ନଂ. ୧୫୫୩୬୯ ରେ ଯେକୌଣସି ବ୍ୟକ୍ତି ସକାଳ ୬ ରୁ ରାତି ୧୦ ପର୍ଯ୍ୟନ୍ତ ସଂପର୍କ କରିପାରିବେ । ଏହା ବ୍ୟତିତ ଯୋଜନାର ପଞ୍ଜିକୃତ ଚିକିତ୍ସାଳୟ ସଂପର୍କିତ ତଥ୍ୟ health.odisha.gov.in ଏବଂ nrhmorissa.gov.in ୱେବସାଇଟ୍‌ରେ ଉପଲବ୍ଧ ।